## ସଂକ୍ଷେପରେ

### ଜୁଆ ଖେଳ, ଗଞ୍ଜା ଲଢେଇ ପ୍ରତି ପୋଲିସର ଗୁରୁତ୍ୱ ନାହିଁ



ବୈପାରିଗୁଡା,୨୭।୧୨ (ଡି.ଏନ୍.ଏ.): କୁକୁଡାଙ୍କ ଗୋଡରେ ଛୁରି ବାନ୍ଧି ଲଢେଇ କରିବା, ଜୁଆ (ଖୁଡ୍‌ଖୁଡି) ଓ ମାଦକ ଦ୍ରବ୍ୟ କାରବାର ବୈପାରିଗୁଡା ବ୍ଲକ ରାମଗିରି ଫାଣ୍ଡି ଅଞ୍ଚଳରେ ବେଧଡକ ଭାବେ ଚାଲିଛି। ଫାଣ୍ଡିଠାରୁ ଗୋଟିଏ କିଲୋମିଟର ଦୂର ବଡପଡା ଗ୍ରାମରେ ଏପରି କାରବାର ଚାଲିଥିଲେ ମଧ ପୋଲିସ ଜାଣିପାରୁନି। ପୋଲିସ୍ ନୀରବ ରହି ଏହାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ବଡପଡା ସମେତ ହଳଦୀକୁଣ୍ଡ, ଦଣ୍ଡାବାଡି, ଚେରକା, ତେନ୍ତୁଳିଗୁଡା, ଡାଲଭଙ୍ଗା, ଶିରାଗୁଡା ଦୋରାଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁରୂପ ଭାବେ ଏପରି ବେଆଇନ କାର୍ଯ୍ୟ ଚାଲିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ବଳରାମ ହିକ୍କାଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ସେ ଉପରୋକ୍ତ ଅଞ୍ଚଳରେ ଚାଲିଥିବା କୁକୁଡା ଗାଲି, ଜୁଆ ଓ ଚୋରା ମଦ କାରବାରକୁ ସ୍ୱୀକାର କରିଥିଲେ। ତେବେ ଏନେଇ ପୋଲିସ୍ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଛି କି ପଚାରିବାରୁ ଏ ବିଷୟରେ ଫୋନ୍‌ରେ କଥା ହେବା ବଦଳରେ ତାଙ୍କୁ ବ୍ୟକ୍ତିଗତ ଭାବେ ଭେଟିବାକୁ ଆମ ପ୍ରତିନିଧିଙ୍କୁ କହିଥିଲେ।

### ଡ଼ ରାଜେନ୍ ଜୟପୁରିଆଙ୍କ ସ୍ମୃତିସଭା

ଜୟପୁର, ୨୭।୧୨ (ନି.ପ୍ର.): ଜୟପୁରସ୍ଥିତ ଯାଦବ ଭବନଠାରେ ଡ଼ ରାଜେନ୍ ଜୟପୁରିଆଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଡ଼ ରାଜେନ୍ ଜୟପୁରିଆଙ୍କ ପ୍ରକୃତ ନାମ ରାଜେନ୍ଦ୍ର ପ୍ରସାଦ ମିଶ୍ର। ସେ ଜୟପୁର ନିକଟ ଜବା ପାତ୍ରପୁଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଜୟପୁର ମାଟିକୁ ନିଜ ନାମରେ ମିଶାଇ ସେ ନିଜ ନାମକୁ ରାଜେନ୍ଦ୍ର ପ୍ରସାଦ ମିଶ୍ର ବଦଳରେ ରାଜେନ୍ ଜୟପୁରିଆ ବୋଲି ନାମିତ କରିଥିଲେ। ଏଥିରୁ ତାଙ୍କର ଜନ୍ମମାଟି ପ୍ରତି ଭଲ ପାଇବା ପ୍ରମାଣିତ ହୁଏ ବୋଲି ଡ଼ ସୁରେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟଅତିଥି ରୂପେ ମଦନ ମୋହନ ନାୟକ, ସମ୍ମାନିତ ଅତିଥି ପ୍ରକାଶ ମହା ନନ୍ଦିଆ ଓ କୃଷ୍ଣଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ଅଶୋକ ପଲେଇ, ଅବିନାଶ ସାନ୍ତ୍ରାପାତ୍ର, ଦେବୀ ପ୍ରସାଦ ହୋତା, ପରମେଶ୍ୱର ପାତ୍ର, ନାରାୟଣ ପାତ୍ର, ରାଜେନ୍ଦ୍ର ଗୌଡ, ସୁଧାଂଶୁ ପଟ୍ଟନାୟକ, ପ୍ରମୋଦ ରାଉଳ,ଚନ୍ଦ୍ରମଣି ବାରିକ, ଚନ୍ଦ୍ରକାନ୍ତ ସୁତାରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୨୭।୧୨ (ନି.ପ୍ର.): ଜଣେ ମହିଳା ନିର୍ଯାତନାର ଶିକାର ହୋଇ ମଙ୍ଗଳବାର ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କୋଟପାଡ ଥାନା ଅନ୍ତର୍ଗତ ଶଶାହାଣ୍ଡି ଅଞ୍ଚଳର କୌଶଲ୍ୟା ଖରା ଗତ ୧୬ ବର୍ଷ ତଳେ ଗୋବିନ୍ଦ ଖରାଙ୍କୁ ବିବାହ କରିଥିଲେ। ଗୋବିନ୍ଦ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପରେ ମୋତେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି କୌଶଲ୍ୟା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ୭ ବାଇକ୍ ଜବତ, ୨ ଗିରଫ




ଜୟପୁର, ୨୭।୧୨ (ନି.ପ୍ର.): ଏକ ବାଇକ ଚୋରି ମାମଲାର ପ୍ରର୍ଦାଫାସ କରିଛି ଟାଉନଥାନା ପୋଲିସ। ବାଇକ୍ ଚୋରିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖ୍ରୀଷ୍ଟିଆନପେଟାର ରୋହିତ ମେହେର ଓ ହାନାଗୁଡାର ଇଶାକ ହରିଜନ। ଜୟପୁର ଇରିଗେସନ କୋଲନୀର ସିପୁନ ଟାକରିଙ୍କ ବାଇକ ଗତ ୨୫ ତାରିଖରେ ଚୋରି ହୋଇଥିଲା। ଏନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରଥିଲେ। ଏହାକୁଭିତ୍ତି କରିପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି କରିଥିଲା। ତଦନ୍ତରୁ ରୋହିତ ଓ ଇଶାକ ସମ୍ପୃକ୍ତ ଥିବା ଜାଣିବା ପରେ ଉଭୟଙ୍କୁ ଗିରଫ କରିଥିଲା। ତେବେ ସେମାନଙ୍କଠାରୁ ୭ଟି ଚୋରି ବାଇକ ଜବତ ହୋଇଥିବା ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି।

# ବ୍ଲକରେ ବସୁଧା ଯୋଜନା ଫେଲ୍

ଦଶମନ୍ତପୁର,୨୭।୧୨( ଡି.ଏନ୍.ଏ.)

**ଦଶମନ୍ତପୁରରେ ମାସେ ହେଲା ଜଳ ଯୋଗାଣ ଠପ୍**



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ ଦୀର୍ଘ ଏକ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ପକ୍ଷରୁ ବ୍ଲକରେ ପାନୀୟ ଜଳ ଯୋଗାଣ ଲାଗି କାର୍ଯ୍ୟକାରୀ କରାଯାଉଥିବା ବସୁଧା ଯୋଜନା ଫେଲ ମାରିଛି।

ବ୍ଲକ ସଦର ମହକୁମାରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ଲାଗି ୧ ଲକ୍ଷ ୫୦ହଜାର ଲିଟର ବିଶିଷ୍ଟ ଏକ ଜଳପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପେଡିସିଲ ନଦୀରୁ ନିର୍ମିତ ଟାଙ୍କିକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା। ମାସେ ହେଲା ଜଳ ଯୋଗାଣ ବନ୍ଦ ହେତୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଖୁବ୍‌ଶୀଘ୍ର ପାନୀୟ ଜଳ ଯୋଗାଇ ନ ଦେଲେ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଧାରଣା ଦେବୁ ବୋଲି ୱାର୍ଡମେମ୍ବର ବାଲୁଙ୍କେଶ୍ୱର ନାୟକ, ବଜେନ୍ଦ୍ର କଂସାରୀଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସବାଇ ମୁଦୁଲିଙ୍କୁ ପଚାରିବାରୁ ସେ କହିଲେ, ବସୁଧା ପ୍ରକଳ୍ପ ପାଇଁ ବିଦ୍ୟୁତ୍ ବିଲ୍ ବାନ୍ଧିବା ଦାୟିତ୍ୱ ପଞ୍ଚାୟତର। ମାତ୍ର ଟାଟା କମ୍ପାନୀ ଦାୟିତ୍ୱ ନେବା ପରଠାରୁ ମନଇଚ୍ଛା ବିଦ୍ୟୁତ ବିଲ୍ ଆସୁଛି। ୪ ମାସରେ କମ୍ପାନୀ ୪ ଲକ୍ଷ ୫୯ ହଜାର ୫୩ ଟଙ୍କାର ବିଲ୍ ଦେଇଛି। ଏତେ ଟଙ୍କା କେଉଁଠୁ ଆଣି ବାନ୍ଧିବୁ। ବିଲ୍ ଅର୍ଥ ନ ଦେବାରୁ କମ୍ପାନୀ ବସୁଧା ପ୍ରକଳ୍ପର ବିଦ୍ୟୁତ୍ କାଟି ଦେଇଛି ବୋଲି ସେ କହିଥିଲେ।

# ଆରମ୍ଭ ହେଲା କାକିରିଗୁମ୍ମାରେ ଧାନମଣ୍ଡି



ଅତିଥିମାନେ ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଲକ୍ଷ୍ମୀପୁର, ୨୭।୧୨ ( ସ୍ୱ.ପ୍ର. )

ଲକ୍ଷ୍ମୀପୁର ବ୍ଲକର କାକିରିଗୁମ୍ମା ଲ୍ୟାମ୍ପଠାରେ ଖରିଫ ଋତୁର ଧାନମଣ୍ଡି ମଙ୍ଗଳବାର ଆରମ୍ଭ ହୋଇଛି। ଲ୍ୟାମ୍ପ୍ ସଭାପତି ସାମୁଦୁ ସାଉନ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରୀତିରଞ୍ଜନ ରଥ, ସମ୍ମାନିତ ଅତିଥି ତହସିଲଦାର ତପନ ନାୟକ, ସମବାୟ ସହକାରୀ ନିବନ୍ଧକ ଲକ୍ଷ୍ମୀଧର ରାଉତ, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଆଇ କୁଲେଶିକା, ଉପାଧ୍ୟକ୍ଷା ଆରତି କୁଲଦୀପ, ଯୋଗାଣ ଅଧିକାରୀ ପ୍ରଭାସ ରଞ୍ଜନ ଶତପଥୀ, ଆର୍‌ଏମ୍‌ସି ମାର୍କେଟ ଗାର୍ଡ ଭରତ ବେହେରା, ସରପଞ୍ଚ ପୃଷ୍ଟ ସାଉନ୍ତା ପ୍ରମୁଖ ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନ କରିଥିଲେ। ଚାଷୀଙ୍କ ପାଇଁ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣି କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ନେବାକୁ ପରାମର୍ଶ ଦେଇଥିଲେ। ଏହି ମଣ୍ଡିରେ ୩ହଜାର କୁଇଣ୍ଟାଲ ଧାନ କିଣିବାକୁ ନିର୍ଦ୍ଦେଶ ଥିବାବେଳେ ମହାଲକ୍ଷ୍ମୀ ରାଇସ ମିଲ୍ ଏବଂ ନର୍ମଦା ରାଇସ୍ ମିଲକୁ ଧାନ କିଣିବା ଲାଗି କୁହାଯାଇଛି। ତେବେ ମଣ୍ଡିରେ ମିଲ୍ ମାଲିକମାନେ ଉପସ୍ଥିତ ନ ଥବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରି ଥିଲେ। କାର୍ଯ୍ୟକ୍ରମରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ, ନିର୍ଦ୍ଦେଶକ ଅନନ୍ତ ପ୍ରସାଦ ନାୟକ, ଜିତେନ୍ଦ୍ର ବିଷୋୟୀ, ପଞ୍ଚାନନ ସାନ୍ତା, ରଘୁନାଥ ସାନ୍ତା, ହରି ବାଘ୍, ଲକ୍ଷ୍ମୀ ଜାନି, ଉଦୟ ହିକକା, ଅଭି ମୁଣ୍ଡା, ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ବୀରେନ ନାୟକ, ତପନ ଜମ୍ବେକା, ଜଗନ୍ନାଥ ପ୍ରଧନୀ, ଧର୍ମେନ୍ଦ୍ର ସଗର ସହଯୋଗ କରିଥିଲେ।

# ରୋଷେୟା,ସେବାୟତ ସଂଘ ବୈଠକ

କୋରାପୁଟ,୨୭।୧୨(ସ୍ୱ.ପ୍ର.)




ବୈଠକରେ ଉପସ୍ଥିତ ରୋଷେୟା ଓ ସେବାୟତମାନେ।

କୋରାପୁଟ ଜିଲା କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ରୋଷେୟା ଓ ସେବାୟତ କର୍ମଚାରୀଙ୍କ ସଂଘର ଏକ ଜରୁରୀ ବୈଠକ ମଙ୍ଗଳବାର ସ୍ଥାନୀୟ ନିଶାଣିମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟ ଓ ସେବାଶ୍ରମଗୁଡିକରେ କାର୍ଯ୍ୟରତ ରୋଷେୟା ଓ ସେବାୟତମାନେ ବୈଠକରେ ଯୋଗଦେଇ ସେମାନଙ୍କ ୬ ଦଫା ଦାବି ଉପରେ ଆଲୋଚନା କରିଥିଲେ। ସରକାର ଦାବି ପୂରଣ ନ କଲେ ଏଣିକି ଚଟୁଛାଡ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସଂଘ ସଭାପତି ନୀଳକଣ୍ଠ ସୌରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଉପସଭାପତି ରକ୍ମଣୀ ନାୟକ, ସମ୍ପାଦକ ବାସୁଦେବ ବୁରୁଡି, ଯୁଗ୍ମ ସମ୍ପାଦକ ହେମଲତା ଅମାନାତ୍ୟ, କୋଷାଧ୍ୟକ୍ଷ ଚନ୍ଦ୍ର ଗାଦବାଙ୍କ ସମେତ ଜିଲାର ୧୪ଟି ବ୍ଲକର ସଭାପତି ଓ ସମ୍ପାଦକ ଏବଂ ୫ଶହରୁ ଊର୍ଦ୍ଧ୍ୱ ରୋଷେୟା ଓ ସେବାୟତମାନେ ଯୋଗ ଦେଇଥିଲେ। ୨୫ରୁ ୩୦ ବର୍ଷ ଧରି ଜିଲାର ବିଭିନ୍ନ ସେବାଶ୍ରମ ଓ ବିଦ୍ୟାଳୟରେ କାର୍ଯ୍ୟ କରି ମଧ୍ୟ କ୍ରମିକ ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଏଯାଏ ସ୍ଥାୟୀ କରାଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ସେମାନଙ୍କୁ ସ୍ଥାୟୀ କରିବା, ଦୈନିକ ୨୪ ଘଣ୍ଟା ବଦଳରେ ୮ ଘଣ୍ଟା କାର୍ଯ୍ୟ କରିବା, ସେମାନଙ୍କୁ ବିଦ୍ୟାଳୟ ମଧ୍ୟରେ କ୍ୱାର୍ଟର୍ସ ଦେବା, ବର୍ଷକୁ ୧୫ ଦିନ ଛୁଟି ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ବୈଠକର ନିଷ୍ପତ୍ତିଗୁଡିକ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ପାଚିକାମାନେ ଚଟୁ ଛାଡ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**୬ ଦାବି ପୂରଣ ନ ହେଲେ ଚଟୁଛାଡ଼ ଆନ୍ଦୋଳନ**

### କୃଷିଭିତ୍ତିକ ଗଣନା କମିଟି ବୈଠକ

ମାଲକାନଗିରି, ୨୭।୧୨(ଡି.ଏନ୍.ଏ.)

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ୧୧ତମ କୃଷିଭିତ୍ତିକ ଗଣନା କମିଟିର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲାରେ କୃଷିଭିତ୍ତିକ ଗଣନା ପାଇଁ ପ୍ରତ୍ୟେକ କ୍ଲଷ୍ଟରରେ ଏକ ଦକ୍ଷ ଟିମ୍ ଗଠନ କରି ସେମାନଙ୍କୁ ଦାୟିତ୍ୱ ଦେବାକୁ ନାୟକ ପରାମର୍ଶ ଦେଇଥିଲେ। ଏଥିଲାଗି କୃଷି, ଉଦ୍ୟାନ କୃଷି ଓ ପ୍ରାଣୀ ସମ୍ପଦ ବିଭାଗର ସହାୟତା ନେବାକୁ ସେ କହିଥିଲେ। ଜିଲାରେ କୃଷିଭିତ୍ତିକ ଗଣନା ନେଇ ଡିପିଏମ୍‌ଙ୍କୁ ଉପନିର୍ଦ୍ଦେଶକ ଗୋଲଖି ଦଳାଇ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସୂଚନା ଯୋଗ୍ୟ, ୧୯୭୦–୭୧ ଦଶକରେ ଦେଶରେ ପ୍ରଥମ କୃଷିଭିତ୍ତିକ ଗଣନା କାର୍ଯ୍ୟ ହୋଇଥିଲା। ପ୍ରତି ୫ବର୍ଷରେ ଥରେ ଏହି ଗଣନା କରାଯାଏ। ଯୋଜନା ଓ ସଂଯୋଜନ କୃଷି ଓ କୃଷକ ସଶକ୍ତୀକରଣ ଏବଂ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା କର୍ମଚାରୀଙ୍କୁ ନେଇ ଅଗାମୀ ଦିନରେ ଜିଲାରେ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା କରିବାକୁ ନିଷ୍ପତ୍ତି ହୋଇଥିଲା। ୨୦୨୪ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗଣନାରେ ଶତ ପ୍ରତିଶତ ଗ୍ରାମାଞ୍ଚଳକୁ ଅନ୍ତର୍ଭୁକ୍ତ କରି ସମସ୍ତ ତଥ୍ୟ ଡିଜିଟାଲ ମାଧ୍ୟମରେ ସଂଗ୍ରହ କରାଯିବ।

# ପୌରପରିଷଦର ବିଭିନ୍ନ ଦୁର୍ନୀତିକୁ ନେଇ କଂଗ୍ରେସର ଦାବିପତ୍ର

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)



ପୌରନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ମାଲକାନଗିରି ଜିଲା କଂଗ୍ରେସ ତରଫରୁ ପୌର ପରିଷଦର ବିଭିନ୍ନ ଦୁର୍ନୀତିକୁ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି, ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୮ରେ ୨୦ ଲକ୍ଷ ଟଙ୍କାର ଉନ୍ନତିମୂଳକ ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଛି। ଏହି ରାସ୍ତା ମୁଖ୍ୟ ରାସ୍ତା ଠାରୁ ପାକନାଗୁଡା ପର୍ଯ୍ୟନ୍ତ ୪୧୯ ମିଟର ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬୮ ମିଟର କାର୍ଯ୍ୟ ହୋଇଛି। ଏହା ଅତି ନିମ୍ନମାନର ହୋଇଥିବା ଏବଂ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ କାଉନସିଲ ଫର ସିମେଣ୍ଟ ଆଣ୍ଡ ବିଲଡିଂ ମେଟେରିଆଲ ଦ୍ୱାରା ଧାର୍ଯ୍ୟ ଇଟା ବ୍ୟବହାର କରା ନ ଯାଇ ଅନ୍ୟ ଇଟା ବ୍ୟବହାର କରାଯାଇଛି। ଫଳରେ ରାସ୍ତା ୨୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏଥିସହ ସମସ୍ତ ୱାର୍ଡରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଯୁବ କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପ୍ରାଣକୃଷ୍ଣ ମଣ୍ଡଳ, ପର୍ଶୁରାମ ଭକ୍ତଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷରେ ଖଲାସ

ବୋରିଗୁମ୍ମା,୨୭।୧୨(ଡି.ଏନ.ଏ.)

**ଯୌତୁକଜନିତ ହତ୍ୟା ମାମଲା**

ଜୟପୁର ଅତିରିକ୍ତ ଜିଲା ଦୌରା ଓ ସେସନ୍ସ ଜଜ ଇ.ବିଘ୍ନେଶର ରାଓ ଏକ ହତ୍ୟା ମାମଲାର ବିଚାର କରି ପ୍ରମାର ଅଭାବରୁ ୨ଜଣଙ୍କୁ ନିର୍ଦ୍ଦୋଶରେ ଖଲାସ କରି ଦେଇଛନ୍ତି। ସେମାନେ ହେଲେ ରାଧାମାଧବ ମହାନ୍ତି ଓ ରମାଦେବୀ ମହାନ୍ତି। ଏନେଇ ଅଭିଯୋଗ ପରେ ବୋରିଗୁମ୍ମା ପୋଲିସ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲା। ଏହାର କେସ ନମ୍ବର ୧୦/୨୦୧୮। ଅଭିଯୁକ୍ତଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀ, ଆରକେ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ। ସୂନାଯୋଗ୍ୟ, ବୋରିଗୁମ୍ମା ଥାନା ଅନ୍ତର୍ଗତ କୁନ୍ଦୁରାଗୁଡା ଗ୍ରାମର ରାଧାମାଧବ ମହାନ୍ତି ବୋରିଗୁମ୍ମା ଗ୍ରାମର ଜୈନିକ ଝିଅକୁ ପ୍ରେମ ବିବାହ କରିଥିଲେ। ଉଭୟେ ଛଅ ମାସ ଖୁସିରେ ଚଳିବା ପରେ ସ୍ୱାମୀ ଓ ଶାଶୁ ଗାଳିଗୁଲଜ କରି ଏକ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ନିର୍ଯାତନା ଦେଇଆସୁଥିଲେ। ପରେ ଶାଶୁଘରଲୋକଙ୍କ ମାଡ଼ରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାକୁ କୋରାପୁଟରୁ ଗଲେ ୧୭ ପ୍ରତିଯୋଗୀ

କୋରାପୁଟ,୨୭।୧୨(ସ୍ୱ.ପ୍ର.)

ଛତିଶଗଡ଼ ରାଜ୍ୟର ବିଳାସପୁରଠାରେ ୨୯ ତାରିଖରୁ ୩୧ ପର୍ଯ୍ୟନ୍ତ ଭାରତର ୧୯ଟି ରାଜ୍ୟର ୧୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ହେଉଛି ଜାତୀୟ ଟାଏକୋଣ୍ଡ ପ୍ରତିଯୋଗିତା। କୋରାପୁଟ ଜିଲାରୁ ୧୭ ପ୍ରତିଯୋଗୀ ଅଶଂଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇ ମଙ୍ଗଳବାର ଛତିଶଗଡ଼ ଯାତ୍ରା କରିଛନ୍ତି।

### ମାନ୍ୟମକୋଣ୍ଡାରେ ବଡ଼ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି,୨୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଗଣପର୍ବ ବଡଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ କାଲିମେଳା ତହସିଲଦାର ଚଇତୁ ଗଣ୍ଡଙ୍କ ଅଧ୍ୟକ୍ଷତାରେ ମାନ୍ୟମକୋଣ୍ଡାଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମାଲକାନଗିରି ତହସିଲଦାର ଚନ୍ଦନ ଭୋଇ, ଅତିରିକ୍ତ ତହସିଲଦାର ଜଗଦିଶ କାର୍ଡାମି, କାଲିମେଳା ଅତିରିକ୍ତ ତହସିଲଦାର ନାରାୟଣ ନାୟକ, ଏବିଡିଓ ବସନ୍ତ ବେହେରାଙ୍କ ସହ ମାଲକାନଗିରି ଓ ବଡଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୭ରୁ ଏହି ଯାତ୍ରା ଆରମ୍ଭ ହୋଇ ଏକମାସ ଧରି ଚାଲିବ। ବଡ ଯାତ୍ରାରେ ତିନି ଠାକୁର ବାଲାରାଜୁ, ପୋତରାଜୁ, କାନାମରାଜୁଙ୍କ ସହ ଦେବୀ ମୁତ୍ୟାଲାମାଙ୍କୁ ମାନ୍ୟମକୋଣ୍ଡା ପାହାଡରେ ପୂଜାର୍ଚ୍ଚନା କରାଯାଇ ଆନ୍ଧ୍ରପ୍ରଦେଶର ପୋଲୁରୁ ଦେଇ ମାଲକାନଗିରିକୁ ଆଣିବା, ଠାକୁରମାନଙ୍କ ରୀତିନୀତି, ତିନି ଠାକୁରଙ୍କ ପ୍ରତିମା ନିର୍ମାଣ, ଆନ୍ଧ୍ରପ୍ରଦେଶର ପୋଲୁରୁସ୍ଥିତ ତାଡକାରେଉଠାରେ ସ୍ନାନ ଯାତ୍ରା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଆଞ୍ଚଳିକ କର୍ମଶାଳାରେ କୃଷିର ସାମଗ୍ରିକ ବିକାଶ ନେଇ ଆଲୋଚନା

କୋରାପୁଟ,୨୭।୧୨ (ସ୍ୱ.ପ୍ର.)



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଚାଷୀମାନେ ଆଲୋଚନା କରୁଛନ୍ତି।

କୃଷି ବିଭାଗ, ଇରନେଷ୍ଟ ଅନୁଷ୍ଠାନ, ଓଡ଼ିଶା ମିଲେଟ ମିଶନ ଏବଂ ପ୍ରଗତି ସହଯୋଗରେ ମଙ୍ଗଳବାର କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ କୃଷିର ସାମଗ୍ରିକ ବିକାଶ ନେଇ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ ନେଇ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଛି। ଆସନ୍ତା ୫ ବର୍ଷ ପାଇଁ କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଜିଲା ପାଇଁ ଏହି କାର୍ଯ୍ୟ ଖସଡା ପ୍ରସ୍ତୁତ ହେବ। ଏନେଇ ବିସ୍ତୃତ ରୂପେ ଆଲୋଚନା ନିମନ୍ତେ ଆଞ୍ଚଳିକ କର୍ମଶାଳା ହୋଇଥିଲା। ଏଥିରେ ପ୍ରସ୍ତୁତ କୃଷି ଖସଡାକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱରାଜ ରଥ କହିଛନ୍ତି। କର୍ମଶାଳାରେ କୋରାପୁଟ ଆତ୍ମା ପ୍ରକଳ୍ପର ଉପନିର୍ଦ୍ଦେଶକ ତାପସ ଚନ୍ଦ୍ର ରାୟ, ଏସଡିଭିଓ ବିଚିତ୍ରୟ ମୋହନ ଦାସଙ୍କ ସହ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାର କୃଷି, ଉଦ୍ୟାନ, ପ୍ରାଣୀଧନ, ମତ୍ସ୍ୟ, କଫି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, କୃଷକ ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ କମ୍ପାନୀ ଏବଂ ଅଗ୍ରଣୀ କୃଷକମାନେ ମଧ୍ୟ ଯୋଗଦେଇ ପ୍ରସ୍ତୁତ ହେବାକୁ ଥିବା କୃଷି ଯୋଜନାର କାର୍ଯ୍ୟଖସଡା ଉପରେ ନିଜ ମତ ରଖିଥିଲେ। ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନେ କୃଷି ଉତ୍ପାଦନ ବୃଦ୍ଧିରେ କେଉଁ କେଉଁ ସମସ୍ୟା ଉପୁଜୁଛି ସେ ନେଇ ଆଲୋକପାତ କରିଥିଲେ। ବଢୁଥିବା ଅର୍ଥନୈତିକ ଚାହିଦା ଅନୁସାରେ ଗୁଣାତ୍ମକ କ୍ଷୁଦ୍ର ଶସ୍ୟ ଓ ତାର ଉତ୍ପାଦ ଯୋଗାଇବାକୁ କୃଷକ ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ କମ୍ପାନୀ ଓ ଚାଷୀମାନଙ୍କୁ ସଚେତନ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଭାରତ ସରକାର ଏବଂ ମିଳିତ ଜାତିସଂଘ ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ଘୋଷଣା କରିବା ପରେ ରାଜ୍ୟ ସରକାରଙ୍କ ସହାୟତାରେ ଉପରୋକ୍ତ ୩ ଜିଲାରେ ମିଲେଟ ଉତ୍ପାଦନ ଓ ରପ୍ତାନିକୁ ୪ ଗୁଣ ବୃଦ୍ଧି କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା କୃଷକମାନେ ସେମାନଙ୍କ ଉତ୍ପାଦକୁ ଚାଷରୁ ନିକଟସ୍ଥ ମଣ୍ଡିକୁ ନେଇ ବିକ୍ରୟ କରିବାର ସୁବିଧା ପାଇପାରିବେ। କୋରାପୁଟ ଜିଲାରେ ଆଗାମୀ ଦିନରେ କଫି ଚାଷକୁ ଅଧିକ ତ୍ୱରାନ୍ୱିତ କରିବାକୁ ହେଲେ ଉପୁଜୁଥିବା ସମସ୍ୟା ନେଇ ବୈଠକରେ କଫି ଗ୍ରୋୟର ଆସୋସିଏଶନର ସୁଜୟ ପ୍ରଧାନ ଓ ପ୍ରଦୀପ ମହାନ୍ତି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃଷି ଉତ୍ପାଦଗୁଡିକୁ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ପ୍ରସ୍ତୁତ କାର୍ଯ୍ୟ ଖସଡାରେ ସାମିଲ କରିବାକୁ କୃଷକମାନେ ଦାବି କରିଥିଲେ।

**କାର୍ଯ୍ୟଖସଡ଼ାରେ ଶୀତଳ ଭଣ୍ଡାର ନିର୍ମାଣ ନେଇ ପ୍ରସ୍ତାବ ରଖିବାକୁ ଦାବି କଲେ ଚାଷୀ**

## ସଂକ୍ଷେପରେ

### ଲକ୍ଷେ ଟଙ୍କା, ୩ ତୋଳା ସୁନା ଚୋରି

**ଗୁଣପୁର,୨୭।୧୨(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଚାଲକମ୍ବା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ସବିତା ଶବର ସପରିବାର ଗୁଡ଼ାରିକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ପ୍ରାୟ ୧ଲକ୍ଷ ଟଙ୍କା, ୩ ତୋଳା ସୁନା ଓ ଘରର କାଗଜପତ୍ର ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଗୁଣପୁର ଥାନାର ଏସ୍ଆଇ ରୁଦ୍ରମାଧବ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରାୟଗଡ଼ାରୁ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ ଆରମ୍ଭ କରିଛି। ଏନେଇ ଗୁଣପୁର ଥାନା ପୋଲିସ କେସ୍ ନଂ. ୨୩୩/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ନୀଳାମ୍ବର ଜାନି ସୂଚନା ଦେଇଛନ୍ତି।

### ଦାଦନ ଖଟିବାକୁ ଯାଇ ଆନ୍ଧ୍ରରେ ଯୁବକ ମୃତ

**ଝରିଗାଁ, ୨୭।୧୨(ସ୍ୱ.ପ୍ର.):** ଦାଦନ ଖଟିବାକୁ ଆନ୍ଧ୍ର ଯାଇଥିବା ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତ ଅଧୀନ ଚେପଟିଆମ୍ବା ଗ୍ରାମର ମଧୁ ଜାନି (୩୫)। ମଧୁ ନବରଙ୍ଗପୁରରେ କୌଣସି କାମ ନ ପାଇ ସ୍ତ୍ରୀ ବମିତାଙ୍କ ସହ ଆନ୍ଧ୍ର ପଳାଇଥିଲେ। ସେଠାରେ ଏଲୁରୁ ଗ୍ରାମର ଏକ ଇଟା ଭାଟିରେ କାମ କରୁଥିଲେ। ତେବେ ରବିବାର ରାତ୍ର ପ୍ରାୟ ୯ଟାରେ କୌଣସି କାମରେ ବଜାର ଆସିଥିବାବେଳେ ଏକ ଗାଡି ମଧୁଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କେତେଜଣ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମଧୁଙ୍କୁ ମୃତ ଘୋଷଣା କରିଥିଲେ। ସାଙ୍ଗରେ ଯାଇଥିବା ଅନ୍ୟ ଶ୍ରମିକମାନେ ଘଟଣା ସମ୍ପର୍କରେ ଜାଣି ଚେପଟିଆମ୍ବାର ମୋହନ ପୂଜାରୀଙ୍କୁ ଯୋଗାଯୋଗ କରିଥିଲେ। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ମିଳିଛି। ସେମାନେ ସେଠାରୁ ମୃତଦେହ ଆଣି ମଙ୍ଗଳବାର ସକାଳ ପ୍ରାୟ ୮ ଟାରେ ଗାଁରେ ପହଞ୍ଚିଥିଲେ। ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକ ଛାୟା ଖେଳିଯାଇଛି।

### ଏସ୍‌ବିଆଇ ଏଟିଏମ୍ ଉଦ୍‌ଘାଟିତ

**ନବରଙ୍ଗପୁର,୨୭।୧୨(ବି.ପ୍ର.):** ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡ଼ଙ୍ଗରଭେଜା ବ୍ଲକ କାର୍ଯ୍ୟାଳୟରେ ଏସ୍‌ବିଆଇ ଏଟିଏମ ଉଦ୍‌ଘାଟିତ



ହୋଇଯାଇଛି। ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଟାଲି ମୁଖ୍ୟ ଅତିଥି, ନବରଙ୍ଗପୁର ଏସବିଆଇ ମୁଖ୍ୟ ଶାଖା ଚିଫ ମ୍ୟାନେଜର ସୁକୁମାର ବକ୍ସି ଓ ବିଡ଼ିଓ ଶିବଶଙ୍କର ମୁର୍ମୁ ଉପସ୍ଥିତ ଥିଲେ। ନନ୍ଦାହାଣ୍ଡି ବ୍ଲକରେ ଜାତୀୟ କରଣ ବ୍ୟାଙ୍କ ନାହିଁ କେବଳ ଗୋଟିଏ ଆଞ୍ଚଳିକ ବ୍ୟାଙ୍କ ରହିଛି। ଟଙ୍କା ଉଠାଇବା ପାଇଁ ଜରୁରୀ ସମୟରେ ହିତାଧିକାରୀମାନେ ୧୮ କିମି ନବରଙ୍ଗପୁର ସହରକୁ ଯିବାକୁ ପଡିଥିଲା। ଏଟିଏମ ଓ ଜାତୀୟ କରଣ ବ୍ୟାଙ୍କ ନ ଥିବାରୁ ଆର୍ଥିକ କାରବାରରେ ବ୍ଲକ ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

### ଶୌଣ୍ଡିକ ସଂଘର ସାଧାରଣ ବୈଠକ

**ଟିକିରି,୨୭।୧୨(ଡି.ଏନ୍.ଏ.):** କାଶିପୁର ବ୍ଲକ ଶୌଣ୍ଡିକ ସଂଘର ବାର୍ଷିକ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ରତ୍ନଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅଞ୍ଚଳର ପ୍ରାୟ ୭୦୦ ମହିଳା ପୁରୁଷ ଟିକିରି ହନୁମାନ ମନ୍ଦିରଠାରେ ଏକତ୍ରିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୃତ୍ୟୁ ଘଟିଥିବା ଜାତି ଲୋକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ବୟୋଜ୍ୟେଷ୍ଠ ଲୋକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ୧୯୮୬ରେ ଆରମ୍ଭ ହୋଇଥିବା ସଂଘ ଏ ପର୍ଯ୍ୟନ୍ତ କିପରି ସୁଚାରୁରୂପ ଚାଲି ଆସିଛି ତାହା ଆଲୋଚନା ହୋଇଥିଲା। ଜାତିର ଯେ କୌଣସି ଲୋକଙ୍କ ମୃତ୍ୟୁ ହେଲେ ସେହି ପରିବାରକୁ ସଂଘ ୫ହଜାର ଟଙ୍କା ସାହାଯ୍ୟ କରିବା ସହ ଅନାଥ ଓ ଅସହାୟଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରିଆସିଛି। ଏହି ଅବସରରେ ଶିଶୁ ଓ ମହିଳାଙ୍କୁ ନେଇ ମ୍ୟୁଜିକ୍ ଚେୟାର ଖେଳ ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା।

# ଶିଶୁ, କିଶୋରୀ କିଶୋରଙ୍କ ସୁରକ୍ଷା ଦାୟିତ୍ୱ ସମସ୍ତଙ୍କର

## ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କୁ ନେଇ କର୍ମଶାଳା




କର୍ମଶାଳାରେ ଅଧିକାରୀ ଓ ଅନ୍ୟମାନେ।

ରାୟଗଡ଼ା ଅଫିସ,୨୭।୧୨

ରାୟଗଡ଼ା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ମଙ୍ଗଳବାର ରାୟଗଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ୧୬ଟି ଥାନାର ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଶିଶୁ, କିଶୋରୀ ଓ କିଶୋରଙ୍କ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। କର୍ମଶାଳାରେ ସାଧନ କର୍ମୀ ଭାବେ ଓଡ଼ିଶା ହାଇକୋର୍ଟ ଓକିଲ ତଥା କଟକ ଜିଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ କିଶୋର ନ୍ୟାୟ ଆଇନ ଓ ଶିଶୁଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବାକୁ ଥିବା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନ ଅନୁସାରେ ସ୍ୱତନ୍ତ୍ର ପୋଲିସ ୟୁନିଟ୍ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ଦାୟିତ୍ୱ, ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ, କିଶୋର ଓ କିଶୋରୀମାନଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ସବୁବେଳେ ତତ୍ପରତା ଦେଖାଇ ଆସିଛି। ଏ ଦିଗରେ ବିଭିନ୍ନ ଅଧିକାରୀଙ୍କୁ ସଚେତନ କରିବାକୁ କର୍ମଶାଳାମାନ ଆୟୋଜନ କରାଯାଉଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି। ଏହା ସହିତ ଆମ ପୋଲିସ ସମିତି ବୈଠକ ଓ ପୋଲିସ ବିଭାଗ ଦ୍ୱାରା ଆୟୋଜିତ ସଭାରେ ଶିଶୁ ସୁରକ୍ଷା, ଶିଶୁ ଯୌନ ନିର୍ଯାତନା, ଶିଶୁ ଚାଲାଣ, ବାଲ୍ୟବିବାହ ରୋକିବା ଭଳି ବିଷୟ ଉପରେ ନିୟମିତ ଆଲୋଚନା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକା, ଉପଖଣ୍ଡ ପୋଲିସ ଅଧିକାରୀ ଉଲ୍ଲାସ ମାଝି, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଶିଶୁ ମଙ୍ଗଳ ସମିତିର ଅନ୍ୟ ସଦସ୍ୟା ସଦସ୍ୟ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ପ୍ରଣତୀ ପାତ୍ର, ଆକ୍ସନଏଡ୍‌ର ବାଲ୍ୟବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ଓ ଅରୁଣା ସଂଗଠନର ଜିଲା ପରାମର୍ଶଦାତା ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

## ଜିଆଇଇଟି ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଗୁଣପୁର,୨୭।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ ମଙ୍ଗଳାବର ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟରେ ଅନୁସନ୍ଧାନ ଓ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ରେଜିଷ୍ଟ୍ରାର ଡ. ଏନ୍.ଭି. ଜଗନ୍ନାଥ ରାଓ, କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ପଣ୍ଡା,ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଡିନ୍ ଏ. ବି .ଶ୍ରୀନିବାସ ରାଓ,ଡିନ୍ ଏକାଡେମିକ୍ସ ଡ. ଏ.ଭି.ଏନ୍.ଏଲ୍ . ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପିକା, ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ରେଜିଷ୍ଟ୍ରାର ଡ. ଏନ୍. ଭି. ଜଗନ୍ନାଥ ରାଓଙ୍କ ଦ୍ୱାରା ଲିଖିତ ପୁସ୍ତକ 'କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟିଂ' ଉନ୍ମୋଚନ କରାଯାଇଛି।

# ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟ ଖୋଲିବା ବେଳେ ଗୋଷ୍ଠୀ ସଂଘର୍ଷ

ଝରିଗାଁ,୨୭।୧୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ନୂତନ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟ ଖୋଲିବାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ତତ୍କାଳୀନ ସରପଞ୍ଚ କାବେରୀ ସାନ୍ତା କରଲାମାଲରେ ପଞ୍ଚାୟତ କାର୍ଯ୍ୟାଳୟ ଆରମ୍ଭ କରିବା ପାଇଁ ହାଇକୋର୍ଟର ଆଶ୍ରୟ ନେଇଥିଲେ । ମଙ୍ଗଳବାର ହାଇକୋର୍ଟର ନିର୍ଦ୍ଦେଶ ପ୍ରକାରେ କରଲାମାଲରେ ପଞ୍ଚାୟତ କାର୍ଯ୍ୟାଳୟ ଖୋଲିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଅଧିକାରୀ ରମେଶ ହରିଜନ, ଜିଆରଏସ୍ ପିତାମ୍ବର ଜେନା, ଯୋଗାଣ ସହାୟକ ଏବଂ ଅପିଲକର୍ତ୍ତାଙ୍କ ପ୍ରତିନିଧିଭାବେ କୁନୁ ତିୱାରୀ, ଦିଗାମ୍ବର ସାନ୍ତା ସମର୍ଥକଙ୍କ ସହିତ ସେଠାରେ ପହଞ୍ଚିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଖୋଲିବାବେଳେ ଖବରପାଇ ବିରୋଧୀ ଗୋଷ୍ଠୀର ପ୍ରାୟ ୩ଶହ ଲୋକ ସେଠାରେ ପହଞ୍ଚି ବ୍ଲକ କର୍ମଚାରୀ ଏବଂ କୁନୁ ତିୱାରୀଙ୍କୁ ଆକ୍ରମଣ କରିଥିଲେ। କୁନୁ ତିୱାରୀ ଙ୍କୁ ମାଡ଼ ମାରି ଇଚ୍ଛାପୁର ହାଟପଦାକୁ ନେଇ ରଖା ଯାଇଥିଲା। ଘଟଣା ସମ୍ପର୍କରେ ଦିଗାମ୍ବର ସାନ୍ତା ଲିଖିତ ଅଭିଯୋଗ ଦେବାପରେ ଝରିଗାଁ ପୋଲିସ ଏଏସ୍ଆଇ ରାମଚନ୍ଦ୍ର ନାୟକ ଇଚ୍ଛାପୁର ଯାଇ ଉତ୍ୟକ୍ତ ଲୋକଙ୍କ ପାଖରୁ କୁନୁ ତିୱାରୀଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ କୁମାର ଶବର ୨ଗୋଷ୍ଠୀଙ୍କୁ ଡାକି ବୁଝାଶୁଝା କରିଥିଲେ। ଦିଗାମ୍ବର ସାନ୍ତାଙ୍କ ଅଭିଯାଗ କ୍ରମେ ୨୩୧/୨୦୧୧ରେ ମାମଲା ରୁଜୁ କରାଯାଇଛି। କୁନୁ ତିୱାରୀ ପ୍ରଥମେ ଆକ୍ରମଣ କରିଥିଲେ ବୋଲି ବିପକ୍ଷ ଗୋଷ୍ଠୀର ଶାନ୍ତି ଗଣ୍ଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଆଧାର କରି ୨୩୨/୨୦୨୨ରେ ମାମଲା ରୁଜୁ କରିଥିବା ଏସ୍ଆଇ ପ୍ରମୋଦ କୁମାର ଖଣ୍ଡୁଆଳ ପ୍ରକାଶ କରିଛନ୍ତି । ସୂଚନାନୁଯାୟୀ, ୨୦୧୭ରୁ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନ ନିରୂପଣକୁ ନେଇ ପଞ୍ଚାୟତର ଗ୍ରାମବାସୀ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲେ। ଦୁଇଗୋଟି ଭିନ୍ନ ଭିନ୍ନ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ କରାଯିବା ନେଇ ଅଡି ବସିଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ସମାଧାନ ନେଇ ପ୍ରଚେଷ୍ଟା କରି କୌଣସି ସୁଫଳ ମିଳି ପାରିନଥିଲା। ଇଚ୍ଛାପୁର ସାପ୍ତାହିକ ବଜାରରେ ଏକ ଅସ୍ଥାୟୀ ଘରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁ ରହିଥିବାବେଳେ ନୂତନ କୋଠା ନିର୍ମାଣ ପାଇଁ ଗାଁର କେତେଜଣ କରଲାମାଲରେ ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ସମୟରେ ୨ଗୋଷ୍ଠୀ ମଧ୍ୟରେ ଅନେକ ଥର ରକ୍ତାକ୍ତ ସଂଘର୍ଷ ଘଟିଥିଲା। ତତ୍କାଳୀନ ସରପଞ୍ଚ କାବେରୀ ସାନ୍ତା କରଲାମାଲରେ ପଞ୍ଚାୟତ କାର୍ଯ୍ୟାଳୟ ଆରମ୍ଭ କରିବା ପାଇଁ ହାଇକୋର୍ଟର ଆଶ୍ରୟ ନେଇଥିଲେ ଗତ ମାସ ୨୮ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶକୁ ଭିତ୍ତିକରି ଜିଲାପାଳଙ୍କ ପତ୍ର ସଂଖ୍ୟା ୧୫୯୮(ତା ୧୫/୧୨/୨୦୨୨) ଅନୁଯାଇ ଇଚ୍ଛାପୁର ପଞ୍ଚାୟତ ପାଇଁ ତିଆରି ହେଇଥିବା କାର୍ଯ୍ୟାଳୟ ଗୃହକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଥିଲା ।

# ଓଡ଼ିଶା ମିଲେଟ୍ସ ମିଶନ ସଚେତନତା କାର୍ଯ୍ୟକ୍ରମ

ତେନ୍ତୁଲିଖୁଣ୍ଟି, ୨୭।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଅଗ୍ରଗାମୀ ଦ୍ୱାରା ତେନ୍ତୁଲିଖୁଣ୍ଟି କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରରେ ଓଡିଶା ମିଲେଟ୍ସ ମିଶନର ସଚେନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆ, ବାଜରା ଓ ବିଭିନ୍ନ କ୍ଷୁଦ୍ର ଶସ୍ୟଜାତୀୟ ଚାଷ ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ଉପରୋକ୍ତ ଚାଷକୁ କିଭଳି ବିଜ୍ଞାନ ପଦ୍ଧତିରେ କରାଯାଇ ପାରିବ ସେଥିପାଇଁ ସରକାର ସଚେତନତା ରଥ ବାହାର କରି ଲୋକଙ୍କୁ ସଚେତନ କରୁଛନ୍ତି। ଏହି ରଥ ଗ୍ରାମ ପରିକ୍ରମା କରି ଚାଷୀଙ୍କୁ ସଚେତନ କରାଉଛି ବୋଲି ଅତିଥିମାନେ କହିଥିଲେ। ପୂଜାରୀଗୁଡା ପଞ୍ଚାୟତ ସରପଞ୍ଚ ଅନାଦି ମାଝୀ, କୃଷି ଓଭସିୟର ଧିରେନ କୁମାର ବେନିଆ, ଅଗ୍ରଗାମୀ କୋଅର୍ଡିନେଟର ଚିତ୍ରସେନ ମାଝୀ ଉପସ୍ଥିତ ଥିଲେ। ପ୍ରଗତି ସ୍ୱୟଂ ସହାୟକ ଦଳ ପକ୍ଷରୁ ବିଭିନ୍ନ ପ୍ରକାର ଖାଦ୍ୟ ତିଆରି କରି ଚାଷୀମାନଙ୍କୁ ଦେଇଥିଲେ। କାର୍ଯ୍ୟକ୍ରମ ଅଗ୍ରଗାମୀ ପକ୍ଷରୁ ଆୟୋଜନ କରାଯାଇଥିଲା।

# ଜିଲାରୁ ଦକ୍ଷ କ୍ରିକେଟ ଖେଳାଳିଙ୍କୁ ଖୋଜିବା ଲକ୍ଷ୍ୟ



ବୈଠକରେ ଅତିଥିମାନେ।

ନବରଙ୍ଗପୁର,୨୭।୧୨(ବି.ପ୍ର.)

ନବରଙ୍ଗପୁର କ୍ରିକେଟ ସଂଘ ଏବଂ ଓଡିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଭିଜନ ୨୦୨୪ର ଏକ ବୈଠକ କରାଯାଇଛି। ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ୨୦୨୪ ମସିହା ସୁଦ୍ଧା ବିଭିନ୍ନ ଟୁର୍ନାମେଣ୍ଟ ମାଧ୍ୟମରେ ଜିଲାରୁ ଦକ୍ଷ କ୍ରିକେଟ ଖେଳାଳିଙ୍କୁ ଖୋଜି ବାହାର କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଡିସେମ୍ବର ୨୮ରୁ ଜାନୁଆରୀ ୨ ପର୍ଯ୍ୟନ୍ତ ୧୬ ଏବଂ ୧୯ ବର୍ଷରୁ କମ ଖେଳାଳିଙ୍କୁ ନେଇ ଆନ୍ତଃକ୍ଲବ ଲିଗ ମ୍ୟାଚ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଜାନୁଆରୀ ୮ରୁ ଜିଲାର ବିଭିନ୍ନ କ୍ଲବର ବରିଷ୍ଠ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ମ୍ୟାଚ କରାଯିବ। ଏହି ମ୍ୟାଚଗୁଡ଼ିକ ନବରଙ୍ଗପୁର ଷ୍ଟାଡିୟମ ଏବଂ ସ୍ଥାନୀୟ କଲେଜ ପଡ଼ିଆରେ ଖେଳାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ଉପସଭାପତି ଶୁଭେନ୍ଦୁ ବେହେରା, ସହ ସମ୍ପାଦକ ଏମ. ବାଲା କୃଷ୍ଣା ରାଓ, ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକ, କୋଷାଧ୍ୟକ୍ଷ ଜାଫର କଦ୍ରିୟ ,ବରିଷ୍ଠ ଖେଳାଳି ସୁନୀଲ ମିଶ୍ର, ପ୍ରମୋଦ ଦାସ, ରମେଶ ସାମନ୍ତରାୟ, ମନୋଜ ସାଧୁ, ଉତ୍ତମ ନାୟକ, ଦେବଦତ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶଶାଙ୍କ ବେହେରା, ଅଂଶୁମାନ ତ୍ରିପାଠୀ, ଅମିତ କୁମାର ଦାସ ଏବଂ ସମେଶ ନାୟକ ପ୍ରମୁଖ ସଭ୍ୟଙ୍କ ସମେତ ଅନେକ ପ୍ରାକ୍ତନ ଏବଂ ବର୍ତ୍ତମାନର କ୍ରୀଡ଼ାବିତ ବୈଠକରେ ଉପସ୍ଥିତ ଥିଲେ।

# ପ୍ରଥମ ଦିନରେ କିଣାହେଲା ୧୨୩ କୁଇଣ୍ଟାଲ ଧାନ

## ଚାଟିକୋଣାରେ ଧାନ ମଣ୍ଡି ଶୁଭାରମ୍ଭ

ବିଷମକଟକ, ୨୭।୧୨(ଡି.ଏନ୍.ଏ.)




ରାୟଗଡା ଜିଲା ବିଷମକଟକ ବ୍ଲକ ଚାଟିକୋଣା ପଞ୍ଚାୟତରେ ଥିବା ଆରଏମ୍‌ସି ର ବଜାର ନିୟନ୍ତ୍ରଣ କମିଟି ପ୍ରାଙ୍ଗଣରେ ଧାନ ମଣ୍ଡି ଉଦଘାଟନ କରା ଯାଇଛି। ଏରମେସି ଅଧିକାରୀ ଲ୍ୟାମ୍ପ୍‌ସ ସଭାପତି ଶିରି କୁମ୍ବରୁକା, ଲ୍ୟାମ୍ପ୍‌ସ ସଦସ୍ୟ ଶୁବେନ୍ଦୁ ନାରାୟଣ ଚୌଧୁରୀ,ଜଗନ୍ନାଥ ପଢି, ଯୋଗାଣ ଅଧିକାରୀ ଦେବଦତ୍ତ ଲେଙ୍କା, ଲ୍ୟାମ୍ପ୍‌ସ ଏମ୍‌ଡି ଶାନ୍ତନୁ କୁମାର ସାହୁ ଓ ଚିତ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଧାନ ବିକ୍ରି କରିବା ପୂର୍ବରୁ ଚାଷୀଙ୍କୁ ଏକ ସପ୍ତାହ ଆଗରୁ ଟୋକାନ ଦେବାର ବେବସ୍ଥା ରହିଛି। ଏବେ ଅଳ୍ପ ଟୋକନ ଆସିଛି। ଆଗକୁ ସମସ୍ତ ଚାଷୀଙ୍କ ପାଇଁ ଟୋକନ ଆସିବ ବୋଲି ସୂଚନା ମିଳିଛି। ସାଧାରଣ ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଓ ଏ ଗ୍ରେଡେ କିଷମ ଧାନ କୁଇଣ୍ଟାଲ ପିଛା ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଯୋଗାଣ ବିଭାଗ ଅଧିକାରୀ ଓ ଏରମେସି ଅଧିକାରୀ କହିଛନ୍ତି। ବିଷମକଟକରେ ମଙ୍ଗଳବାର ଚାଟିକୋଣା, ବୁଧବାର ଗଜବାହଲ, ଶୁକ୍ରବାର ହାଟମୁନିଗୁଡ଼ା ଓ ଶନିବାର ଭାଲେରୀରେ ଧାନ ବିକ୍ରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦିନରେ ୩ଜଣ ଚାଷୀଙ୍କଠାରୁ ୧୨୩ କୁଇଣ୍ଟାଲ ଧାନ କିଣାଯାଇଛି।

# ନବରଙ୍ଗପୁରରୁ ପୁରୀକୁ ଭଲ୍‌ଭୋ ବସ୍ ଚଳାଚଳ ଦାବି

**ନବରଙ୍ଗପୁର,୨୭।୧୨(ବି.ପ୍ର.):** ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଭୁବନେଶ୍ୱରରେ ଭେଟିଛନ୍ତି ଭିଜନ ନବରଙ୍ଗପୁରର କର୍ମକର୍ତ୍ତା। ଜିଲା ପରିଷଦ ସଭାପତି ମୋତିରାମ ନାୟକ, ଭିଜନ ଆବାହକ ବୀରନ୍ଦ୍ର ମୋହନ ନାୟକ, ସଂଯୋଜକ ବାଙ୍କ ବିହାରୀ ବିଷୋୟୀ ଓ ଭବାନୀ ଶଙ୍କର ବିଷୋୟୀ ଯୋଗ ଦେଇଥିଲେ। ନବରଙ୍ଗପୁରରୁ ପୁରୀ ଓ ପୁରୀରୁ ନବରଙ୍ଗପୁର, ଇନ୍ଦ୍ରାବତୀରୁ ବିଶାଖାପାଟଣା ଓ ବିଶାଖାପାଟଣାରୁ ଇନ୍ଦ୍ରାବତୀ, ନବରଙ୍ଗପୁରରୁ ରାୟପୁର ଓ ରାୟପୁରରୁ ନବରଙ୍ଗପୁରକୁ ସରକାରୀ ଭଲ୍‌ଭୋ ବସ ଚଳାଚଳ ପାଇଁ ଲିଖିତ ଭାବେ ଦାବି କରିଛନ୍ତି। ନବରଙ୍ଗପୁରରେ ଟ୍ରେନ୍ ସୁବିଧା ନ ଥିବାରୁ ଲୋକମାନେ ବସ ଉପରେ ନିର୍ଭର କରୁଛନ୍ତି। ପୁରୀକୁ ତୀର୍ଥ ଯାତ୍ର ମାନେ ନିୟମିତ ଯାତାୟତ କରୁଥିବାବେଳେ ଏଠାରୁ ସିଧା ବସ ନାହିଁ। ଫଳରେ ଯାତ୍ରୀମାନେ ବହୁ ଅସୁବିଧା ଭୋଗୁଛନ୍ତି। ଏହାଛଡା ରାୟପୁରକୁ ବ୍ୟବସାୟ ପାଇଁ ନିୟମିତ ଲୋକମାନେ ଯାଉଛନ୍ତି । ବିଶାଖାପାଟଣା ଉପରେ ଲୋକେ ବ୍ୟବସାୟ ଓ ଚିକିତ୍ସା ସୁବିଧା ପାଇଁ ନିର୍ଭର କରନ୍ତି। ତେଣୁ ଏହି ତିନୋଟି ସ୍ଥାନକୁ ଯାତାୟତ ସୁବିଧା କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାକୁ ନେଇ ଜିଲାପାଳ ଡ଼ଃ.କମଳ ଲୋଚନ ମିଶ୍ର ମଧ୍ୟ ରାଜ୍ୟ ପରିବହନ ସଚିବଙ୍କୁ ଚିଠି ଲେଖିଥିବା ଅବଗତ କରାଯାଇଥିଲା। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।



ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଭିଜନ ନବରଙ୍ଗପୁର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

# ସ୍ୱାର୍ଥ ତ୍ୟାଗକରି ମାନବ ସେବା କର

ଉମରକୋଟ, ୨୭।୧୨(ସ୍ୱ.ପ୍ର.)

ଓଡ଼ିଶା ରାମକ୍ରିଷ୍ଣ ବିବେକାନନ୍ଦ ଭାବପ୍ରଚାର ପରିଷଦ ପକ୍ଷରୁ ୩୦ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଉମରକୋଟ୍‌ସ୍ଥିତ ରାମକ୍ରିଷ୍ଣ ସାରଦା ସେବା ସଂଘ ପ୍ରାଙ୍ଗଣରେ ମଙ୍ଗଳବାରରୁ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ୨ଦିନ ଧରି ଚାଲିବ। ସମ୍ମିଳନୀରେ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟରୁ ରାମକ୍ରିଷ୍ଣ ମିଶନର ସନ୍ନ୍ୟାସୀମାନେ ଯୋଗଦେଇଛନ୍ତି। ସ୍ୱାମୀ ଆତ୍ମପ୍ରଭାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ହାଟମୁନିଗୁଡ଼ାସ୍ଥିତ ରାମକ୍ରିଷ୍ଣ ମିଶନ ଆଶ୍ରମର ସ୍ୱାମୀ ଗୀତାତ୍ମାନନ୍ଦ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୁରୀ ଆଶ୍ରମର ସ୍ୱାମୀ ଅପ୍ରେଶ୍ୱର ମହାରାଜ, କୋଠାରରୁ ସ୍ୱାମୀ ଦେବେସାନନ୍ଦ ମହାରାଜ ଓ ନବରଙ୍ଗପୁର ପୋଲିସ ଡିଏସ୍‌ପି ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅନିଲ ମିଶ୍ର ଯୋଗଦେଇଥିଲେ। କୋଲକାତା ସ୍ଥିତ ବେଲୁରମଠ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନାରାୟଣପୁର ଆଶ୍ରମରୁ ସ୍ୱାମୀ ଭ୍ୟାପ୍ତନନ୍ଦ ମହାରାଜା ଯୋଗଦେଇଥିଲେ। ମାନବ ସେବା ହିଁ ଈଶ୍ୱର ସେବା । ତେଣୁ ସ୍ୱାର୍ଥ ତ୍ୟାଗକରି ମଣିଷଙ୍କୁ ଭଗବାନ୍ ଭାବି ଲୋକଙ୍କ ସେବା କରିବାକୁ ଉପସ୍ଥିତ ଅତିଥିମାନେ କହିଥିଲେ। ରଜତ କୁମାର ବୋଷ ଉମରକୋଟ ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶାରେ ଥିବା ୧୮ଟି କେନ୍ଦ୍ରରୁ ୨ ଜଣ ଲେଖାଏଁ ସଭ୍ୟ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ ପିଲାଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଉମରକୋଟ ରାମକୃଷ୍ଣ ସାରଦା ସେବା ସଂଘ ସଭାପତି ମନମୋହନ ସେନାପତି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ପୂର୍ଣ୍ଣ ସେନଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପଣ୍ଡା, ତପନ ରାୟ, ବିକାଶ ବଛର, ଫନୀନ୍ଦ୍ର ଗାଇନ, ସପନ ସରକାର, ଗୀତାଞ୍ଜଳି ଦାସଙ୍କ ସହ ପ୍ରାୟ ୨ଶହ ଭକ୍ତ ଯୋଗ ଦେଇଥିଲେ।

# ଫେରିଗଲା ଓପନ ଜିମ୍ ପାଇଁ ଆସିଥିବା ନିମ୍ନମାନର ସାମଗ୍ରୀ

## ଧରିତ୍ରୀ ପ୍ରଭାବ

ବିଷମକଟକ,୨୭।୧୨(ଡି.ଏନ୍.ଏ.)



ବିଷମକଟକରେ ଓପନ ଜିମ୍ ପାଇଁ ଆସିଥିବା ବିଭିନ୍ନ ସାମଗ୍ରୀ ମଙ୍ଗଳବାର ଫେରିଯାଇଛି। ବିନା ଟେଣ୍ଡରରେ ଜଣେ ଠିକାଦାରଙ୍କୁ କ୍ରୀଡ଼ା ବିଭାଗ କାର୍ଯ୍ୟାଦେଶ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଯୁବଗୋଷ୍ଠୀ ଜିଲାପାଳଙ୍କୁ ଭେଟି ଜିମ୍ ପାଇଁ ଆସିଥିବା ସାମଗ୍ରୀ ନିମ୍ନମାନର ବୋଲି ଅଭିଯୋଗ କରିଥିଲେ। ଏହି ସବୁ ଘଟଣାକୁ ଦୃଷ୍ଟିରେ ରଖି ସରକାରୀ ନିୟମାନୁଯାୟୀ କାର୍ଯ୍ୟ କରିବାକୁ ବିଡିଓ ସଦାଶିବ ନାୟକ କହିବା ସହ ଜିମ୍ ପାଇଁ ଆସିଥିବା ସାମଗ୍ରୀ ଫେରାଇବାକୁ ନର୍ଦ୍ଦେଶ ଦେଇଥିଲେ।

ସୂଚନାନୁଯାୟୀ, କ୍ରୀଡା ବିଭାଗ ପକ୍ଷରୁ ୩ବର୍ଷ ତଳେ ବିଷମକଟକ ବ୍ଲକର ସଦରରେ ଏକ ଓପନ ଜିମ କରିବାକୁ ୧୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ପାଇଁ ଟେଣ୍ଡେର କରିବାର ସରକାରୀ ନିୟମ ରହିଛି। ପେପର କଷ୍ଟ ଓ କେଉଁଦିନ ଟେଣ୍ଡେର ପକ୍ରିୟା ଆରମ୍ଭ ସେ ନେଇ ଯେ କୌଣସି ଦୈନିକ ଖବର କାଗଜରେ ବିଜ୍ଞପ୍ତି ଜାରି କରିବା କଥା। ହେଲେ ବ୍ଲକ ପ୍ରଶାସନ ଏହି ସବୁ ନିୟମ ଉଲ୍ଲଘଂନ ଜଣେ ଠିକାଦାରଙ୍କୁ ବିନା ଟେଣ୍ଡେରରେ କ୍ରୀଡା ବିଭାଗର କାର୍ଯ୍ୟଦେଶ ଜାରି କରିଥିଲେ। ଜିମ ସାମଗ୍ରୀ କିଣିବା ପୂର୍ବରୁ କୋଟେଶନ ଜାରି କରିବା କଥା। ଏହାକୁ ବେଖାତିର କରି ବ୍ଲକର ଜଣେ ଅଧିକାରୀ ବ୍ରହ୍ମପୁରରୁ ଅତି ନିମ୍ନମାନର ସାମଗ୍ରୀ ଆଣିବା ସହ ଠିକାଦାରଙ୍କୁ ଦେଇ ଓପନ ଜିମର କାର୍ଯ୍ୟ ଆରମ୍ଭ କରିଥିଲେ। ୧୫ ଲକ୍ଷ ଆନୁଦାନ ଆସିଥିବା ବେଳେ ମାତ୍ର ୨ ଲକ୍ଷ ରୁ ୩ ଲକ୍ଷ ଟଙ୍କା ସାମଗ୍ରୀ ଅଣା ଯାଇ ତରବରିଆ ଭାବେ କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ହଡପ କରିବାକୁ ଯୋଜନା ଥିବା ଅଭିଯୋଗ ହୋଇଥିଲା। ବିଷମକଟକର ଯୁବପିଢ଼ି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ।ଏହାପରେ ଜିଲା ପ୍ରଶାସନ ଧଡ଼ପଗଡ଼ ଆରମ୍ଭ କରିଥିଲା। ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ପରସ୍ପରକୁ ଦୋଷ ଦେଇ ଖସି ଯାଇଥିଲେ। ଏହି ସବୁ କଥା ନୂତନ ବିଡିଓ ସଦାଶିବ ନାୟକ ଜାଣି ସରକରୀ ନିୟମାନୁଯାୟୀ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

